The Odisha Gazette

EXTRAORDINARY

PUBLISHED BY AUTHORITY

No. 3133 CUTTACK, SATURDAY, SEPTEMBER 6, 2025/BHADRA 15, 1947

ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଘୋଷଣା

ତାରିଖ ୧ ସେପ୍ଟେମ୍ବର ୨୦୨୫

ସଂଖ୍ୟା ୯୩୫—ଏତଦ୍ଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏବଂ ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା ତୁଳସିଛପର, ତହସିଲ କାଶିପୁର, ଥାନା କାଶିପୁର, ଜିଲ୍ଲା ରାୟଗଡାରେ ନିମ୍ନସୂଚିତ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କୋରାପୁଟ-ସିଙ୍ଗାପୁର ରେଳପଥ ଦୋହରିକରଣ ପ୍ରକଳ୍ପ (ଅତିରିକ୍ତ) ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୮୭, ତା. ୨୭-୦୨-୨୦୨୫ ରିଖରେ ପ୍ରକାଶିତ ହୋଇସାରିଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ତୁଳସିଛପର, ତହସିଲ କାଶିପୁର, ଥାନା କାଶିପୁର, ଜିଲ୍ଲା ରାୟଗଡାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇ ନାହିଁ ।

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

କ୍ର.ନଂ.	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା (ଏକର)	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର)	କିସମ	ରୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ
(୧)	(୨)	(୩)	(୪)	(୫)	(୬)	(୭)
୧	୧	୨୯୪	୦.୩୩୦	୦.୦୮୦	ଆଟ	କୁମୁଟି ଯାନି, ପି. ତପୁ ଯାନି
୨	୧୩	୨୯୫	୦.୩୪୦	୦.୦୮୦	ଆଟ	ଧନପତି କନ୍ଧ, ପି. ଲାଛିଆ କନ୍ଧ
୩	୧୬	୧୯୬	୦.୧୪୦	୦.୦୩୫	ଆଟ	ନୁନେଇ ମାଝି, ପି. ଧବୁଲୁ ମାଝି
୪	୧୭	୨୯୯	୦.୧୫୦	୦.୦୪୦	ଆଟ	ପ୍ରତାପ ମାଝି, ପି. କନ୍ଦୁରୀ ମାଝି

(୧)	(୨)	(୩)	(୪)	(୫)	(୬)	(୭)
୫	୩୦	୩୦୦	୦.୨୨୦	୦.୦୬୦	ଆଟ	ସଦନା ଜାମି, ପି. ସପୁରୁ କନ୍ଧ
୬	୩୪	୨୯୭	୦.୨୦୦	୦.୦୪୦	ଆଟ	ସାହେବ ମାଝି, ପି. ବାଲା କନ୍ଧ
						ଦୁଲାଭ ମାଝି, ପି. ମସୁରି କନ୍ଧ
୭	୩୫	୨୯୮	୦.୨୦୦	୦.୦୫୦	ଆଟ	ସୁନା ମାଝି, କଡି ମାଝି,
						ଡସମା ମାଝି, ପି. ସୁଦୁରୁ କନ୍ଧ
		ମୋଟ ..	୧.୮୫୦	୦.୩୮୫		

ରାଜ୍ୟପାଳଙ୍କ ଆଦେଶକ୍ରମେ
ଆଶୁତୋଷ କୁଲକର୍ଣ୍ଣି
ଜିଲ୍ଲାପାଳ, ରାୟଗଡା

Printed and Published by the Director, Directorate of Printing, Stationery & Publication, Odisha, Cuttack-10
Ex. Gaz. 2343—173+9